**ବିଦ୍ୟାଳୟ ପାଇଁ ନେତୃତ୍ୱ ପ୍ରଦାନ: ବିଦ୍ୟାଳୟ-ଗୋଷ୍ଠୀ ମଧ୍ୟରେ ସହଭାଗିତା**

| ଓଡ଼ିଆ |
| --- |
| ଯେତେବେଳ ମୁଁ ଏଠାକୁ ଆସିଲି ଏହି ସ୍କୁଲରେ ସୁବିଧା ଏତେ ଭଲ ନ ଥିଲା। ଏହା ପିଲାମାନଙ୍କୁ ଏବଂ ତାଙ୍କର ପିତାମାତାମାନଙ୍କୁ ମଧ୍ୟ ପ୍ରଭାବିତ କରୁଥିଲା। ତେଣୁ ଆମେ ବିଡିଓ ଏବଂ ଇଂଜିନିୟରଙ୍କ ସହିତ ଯୋଗାଯୋଗ କଲୁ ଏବଂ ସେମାନଙ୍କୁ ଏଠାକୁ ଆଣି ଦିନରାତି କାମ କରି ସବୁକିଛି ଠିକ୍‌ଠାକ୍ କରିବା ପାଇଁ ଏକ ଯୋଜନା ପ୍ରସ୍ତୁତ କଲୁ।<br>ଏଠାରେ ସ୍କୁଲ ସମ୍ମୁଖରେ ବହୁତ ବଡ଼ ବଡ଼ ଖାଲ ଏବଂ ବୁଦା ପରି ଠାଏ ଠାଏ ଜଙ୍ଗଲ ରହିଥିଲା। ବାପ ମା ପିଲାଙ୍କୁ ସ୍କୁଲ ନ ଛାଡ଼ିବାର, ଏହା ଏକ ଅନ୍ୟତମ କାରଣ ବି ଥିଲା।<br>ଆମେମାନେ ବିଡିଓ, ଏସଡିଏମ୍ ଏବଂ ଗ୍ରାମ ପରିଷଦର ମୁଖିଆ, ବିଡିସି ସଦସ୍ୟ ଏବଂ ବ୍ଲକ ପ୍ରମୁଖଙ୍କୁ ସାକ୍ଷାତ କଲୁ। ସେମାନଙ୍କ ସହିତ ପରାମର୍ଶ କରିବା ପରେ ଆମେ ଖାଲଗୁଡ଼ିକୁ ପୋତିଦେଲୁ ଏବଂ ସ୍କୁଲକୁ ସଂପୂର୍ଣ୍ଣ ପରିଷ୍କାର କଲୁ।<br>କେବଳ ଏହା ପରେ ହିଁ ବାପ ମା ଓ ଗୋଷ୍ଠୀର ଅନ୍ୟମାନେ ଏହି ସ୍କୁଲ ବିଷୟରେ ବିଚାର କଲେ, ଏବଂ ଏହି ସ୍କୁଲ ପ୍ରତି ଆକର୍ଷିତ ହେଲେ। ଯେତେବେଳେ ମୁଁ ୨୦୦୯ ମସିହାରେ ଏଠାକୁ ଆସିଲି, ଏଠାରେ ସ୍କୁଲରେ ମାତ୍ର ନଅ ଜଣ ଛାତ୍ରଛାତ୍ରୀ ଥିଲେ। ଏହି ସ୍କୁଲଟି ଗୋଟିଏ ଛୋଟ ଗାଁରେ ରହିଛି, ଯାହାର ଜନସଂଖ୍ୟା ମାତ୍ର ୩୦୦।<br>ଏଠାରେ ପାଞ୍ଚଟି ମଣ୍ଟେଶରୀ ସ୍କୁଲ ଚାଲିଛି ଏବଂ ପିତାମାତା ଏହି ସ୍କୁଲ ପରିବର୍ତ୍ତେ, ମଣ୍ଟେଶରୀ ସ୍କୁଲ ପ୍ରତି ଅଧିକ ଆଗ୍ରହ ଦେଖାଉଥିଲେ।<br>ସେହି କାରଣରୁ, ଏଠାରେ ଏହି ସ୍କୁଲରେ ମାତ୍ର ନଅ ଜଣ ଛାତ୍ରଛାତ୍ରୀ ଥିଲେ। ମୁଁ ଯଥେଷ୍ଟ ପରିଶ୍ରମ କଲି। ଅଭିଭାବକମାନଙ୍କୁ ପ୍ରଭାବିତ କରିବା ପାଇଁ ମୁଁ ବ୍ୟକ୍ତିଗତ ଭାବେ ଦ୍ୱାର ଦ୍ୱାର ବୁଲିଲି।<br>ମୁଁ ଗ୍ରାମ୍ୟ ଶିକ୍ଷା କମିଟି ଏବଂ ସ୍କୁଲ ମ୍ୟାନେଜମେଣ୍ଟ କମିଟି ସଂସ୍ପର୍ଶରେ ଆସିଲି। ମୁଁ କମିଟିମାନଙ୍କ ସହିତ ବୈଠକ ଡକାଇଲି। ସେମାନଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କଲି।<br>ସେମାନଙ୍କ ପିଲାମାନଙ୍କୁ ମାତ୍ର ବର୍ଷେ ପାଇଁ ଆମ ସ୍କୁଲକୁ ପଠାଇବା ପାଇଁ ଏବଂ ବର୍ଷେ ପରେ ଆମ ଶିକ୍ଷା ସହିତ ମଣ୍ଟେଶରୀ ସ୍କୁଲ ଶିକ୍ଷାର ତୁଳନା କରିବା ପାଇଁ କହିଲି, ଆଉ ତା ପରେ ସେମାନେ ସେଠାରେ କଣ ପାଉଛନ୍ତି ଓ ଏଠାରେ କଣ ପାଉଛନ୍ତି ସେହି ଅନୁଯାୟୀ ନିଷ୍ପତ୍ତି ନେବାକୁ ବୁଝେଇଲି।<br>ଆମେ ନିୟମିତ ଭାବରେ ମାସିକ ଦୁଇଟି ବୈଠକ ଡକେଇଲୁ। ସେମାନଙ୍କୁ ପ୍ରଭାବିତ କରିବା ପାଇଁ ଚେଷ୍ଟା କଲୁ। ଆଉ ଧୀରେ ଧୀରେ ଅଭିଭାବକମାନେ ଆମ ଉପରେ ଭରସା କରିବାକୁ ଆରମ୍ଭ କଲେ, ଏବଂ ସେମାନଙ୍କ ପିଲାମାନଙ୍କୁ ଆମ ପାଖକୁ ପଠେଇଲେ।<br>ବର୍ଷେ ବିତିଗଲା, ସେମାନେ ଉଭୟ ସ୍କୁଲର କାର୍ଯ୍ୟ କରିବାର ଶୈଳୀ ତୁଳନା କଲେ, ଏବଂ ତାହା ପରଠାରୁ ସେମାନଙ୍କର ଏହି ସ୍କୁଲକୁ ଅଗ୍ରାଧିକାର ଦେବା ବଢ଼ିଲା।<br>ପ୍ରତିଦିନ ସ୍କୁଲ ପରେ ଆମେ ପରଦିନ ପାଇଁ କାର୍ଯ୍ୟ ଯୋଜନା କରିଥାଉ। ଆମେ କଣ କରିବାକୁ ଚାହୁଁ, ଆମ ପିଲାମାନେ କି କି ନୂଆ ଜିନିଷ ଶିକ୍ଷା କରିବେ ଏବଂ କି କି ଶିକ୍ଷଣ ସାମଗ୍ରୀ ଆବଶ୍ୟକ ହେବ, ଆମେ ସ୍ଥିର କରିଥାଉ।<br>ତିନି ଜଣ ଶିକ୍ଷକଙ୍କ ମଧ୍ୟରୁ ଜଣେ କୌଣସି ନୂଆ ଅଧ୍ୟାୟ ଆରମ୍ଭ କରିବା ପାଇଁ, ଆବଶ୍ୟକ ସାମଗ୍ରୀ ଆଣିବାର ଦାୟିତ୍ୱ ନେଇଥାନ୍ତି। ଆମ୍ଭେମାନେ ଆରମ୍ଭରୁ ହିଁ ଏହିପରି କାମ କରିବା ପଦ୍ଧତି ଅନୁସରଣ କରୁଛୁ।<br>ତେଣୁ ନୂଆ ଶିକ୍ଷକଙ୍କ ପାଇଁ, ଆମର ଏଠାକାର ବ୍ୟବସ୍ଥା ସହିତ ଅଭ୍ୟସ୍ତ ହେବାକୁ ବେଶି ସମୟ ଲାଗେ ନାହିଁ।<br>ସେମାନେ ଖୁବ୍ କମ ସମୟ ମଧ୍ୟରେ ଏଠାକାର କାର୍ଯ୍ୟଶୈଳୀ ସହିତ ଅଭ୍ୟସ୍ତ ହୋଇଯାନ୍ତି।<br>ଆମ୍ଭେମାନେ ପୂର୍ବ ଦିନ ଯୋଜନା କରିଥିବା କାର୍ଯ୍ୟକଳାପ ପର ଦିନ କରିଥାଉ। |